# Akashvani, Sambalpur

## SAMBALPURI NEWS BULLETIN

### 24 September 2025 – 6.47- 6.52 am.

*******************************************

ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ଗସ୍ତ      ଆର୍‌ଏନ୍‌ୟୁ ସମ୍ବଲପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୭ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାକେ ଆସିକରି ଅମଲିପାଲିଠାନେ ହେବାର୍‌କେ ଥିବା ଯୁବ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ କେତେଟା ନୂଆ ଘୋଷଣା କର୍‌ବାର୍ ସହେତେ କେତେଟା ପ୍ରକଳ୍ପର ଶିଳାନ୍ୟାସ୍ ଭିଲ୍ କର୍‌ବେ । ଗଲାକାଏଲ୍ ଉତରାଂଚଲ୍ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ୍ ଆଉ ପୁଲିସ ଆଇଜି ହିମାଂଶୁ ଲାଲ୍ ଯୁବ ସମାବେଶ୍ ହେବାର୍‌କେ ଥିବା ଜାଗାକେ ଯାଇକରି ତଦାରଖ୍ କରିଛନ୍ ।

ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍

ଆଇଆଣ୍ଡପିଆର୍

ବିଧାନ ସଭା ନ ଓଡ଼ିଶା ବିଶ୍ୱ ବିଦ୍ୟାଲୟ ସଂଶୋଧନ ବିଲ୍-୨୦୨୫ ଗଲାକାଏଲ୍ ପାରିତ୍ ହେଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ୧୯୮୯ ମସିହାଥି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ୍ ଆସିଥିଲା । ୨୦୨୦ ମସିହା ନଭେମ୍ବର ୯ ତାରିଖ୍ ଦିନ ଇଥି ସଂଶୋଧନ୍ କରାଯାଇଥିଲା । ସଂଶୋଧନ୍ ଉତ୍‌ରୁ ବହୁତ୍‌ଟେ ସମସ୍ୟା ଦେଖା ଦେଇଥିଲା । ହେଥିର୍‌ଲାଗି ଫେର୍‌ଘାଏ ଇ ବିଲ୍‌କେ ସଂଶୋଧନ୍ କରାଯାଇଛେ । ରାଜ୍ୟର ବିଶ୍ୱବିଦ୍ୟାଳୟମାନ୍‌କେ ୧୩ଶହ ୭ ଅଧ୍ୟାପକ ପଦ୍‌ବୀ ଖାଲି ପଡ଼ିଛେ । ସେନ୍ତା ୯ଟା ବିଶ୍ୱବିଦ୍ୟାଲରର୍ ନାକ୍ ମାଏନ୍‌ତା ନାଇଥାଇ । ଇ ସବୁ ପଦ୍‌ବୀ ପୂରଣଁ କର୍‌ବାର୍ ଲାଗି ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ ସାହାଜ୍ କର୍‌ବା ବଲି ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ନିଶାମୁକ୍ତ ଅଭିଯାନ୍ ଆଇଆଣ୍ଡପିଆର୍

ଆଏବା ଅକ୍ଟୋବର ୨ ତାରିଖ୍‌ନୁ ରାଏଜେ ୨ ନମ୍ବର ଖେପ୍ ନିଶା ନିବାରଣ ଅଭିଯାନ୍ ମୁଲ୍ ହେବା ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ଗଲାକାଏଲ୍ ଭୁବନେଶ୍ୱର୍‌ଠାନେ ଇ ସ୍ୱତନ୍ତ୍ର

ସଚେତନତା ଅଭିଯାନ୍ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ୍' ଆଉ ନିଶାମୁକ୍ତ ଭୁବନେଶ୍ୱରର ପ୍ରସ୍ତୁତି ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍, ଲୁକ୍‌କର ଧନ୍‌ଜୀବନ୍ ସୁରକ୍ଷାକେ ନଜର୍‌ଥି ରଖିକରି ରାଏଜେ ନିଶା କାର୍‌ବାର୍ ଉପ୍‌ରେ ଜୋର୍‌ଦାର୍ ଛଡ଼ଉ କରାଯାଉଛେ । ଅଭିଯାନ୍‌କେ ଆହୁରି ଜୋର୍‌ଦାର୍ କରାଯିବା । ଯୁଆନ୍ ପିଢ଼ିକେ ନିଶାଠାନୁ ଦୂର୍ ରଖ୍‌ବାର୍ ସାଙ୍ଗେ ରାଜ୍ୟକେ ନିଶାମୁକ୍ତ କର୍‌ବାର୍ ଲାଗି ସମ୍‌କୁ ମିଶିକରି ଉଦ୍ୟମ୍ କର୍‌ବାର୍‌କେ ପଡ଼୍‌ବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ ।

ସୁସ୍ଥ ନାରୀ ସଶକ୍ତ ପରିବାର ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ୍‌କେ ବଡ଼୍ ସଫଲ୍‌ତା ମିଲିଛେ । ହପ୍ତାକ ଭିତ୍‌ରେ ଇ ଅଭିଯାନ୍ ଜରିଏ ୫୨ ହଜାର ୯ ଶହ ୪୨ଟା ସ୍ୱାସ୍ଥ୍ୟ ଶିବିର୍ ଆୟୋଜିତ୍ ହେଇଛେ । ଇ ଶିବିର୍‌ଥି ୨୮ ଲାଖ୍ ୪୬ ହଜାର୍ ମହିଲାଙ୍କର୍ ସ୍ୱାସ୍ଥ୍ୟର୍ ପରୀକ୍ଷା କରାଯାଇଛେ । ଇତାର୍ ସଙ୍ଗେ ଭିନ୍ ଭିନ୍ ସ୍ୱାସ୍ଥ୍ୟ ଅନୁଷ୍ଠାନ୍ ନ ଫି ଦିନ୍ ୮ ହଜାର୍‌ନୁ ଅଏତ୍‌କା ଶିବିର୍ ଆୟୋଜନ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧୭ ତାରିଖ୍ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର୍

ଧାର୍ଠାନୁ  ସ୍ୱସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ୍‌ର ଶୁଭାରମ୍ଭ କରିଥିଲେ । ସେହିଦିନ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଉପସ୍ଥିତିଥି ଇ ଅଭିଯାନ୍ ଓଡ଼ିଶା ନ ମୁଲ୍ ହେଇଥିଲା ।

ଦକ୍ଷତା କେନ୍ଦ୍ର                                  ଆଇ ଆଣ୍ଡ ପିଆର୍

ଭୁବନେଶ୍ୱରଠାନେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ଠାନେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟନ୍ ହେବାର୍ ସାଙ୍ଗେ ଉତିର୍ଣ୍ଣ ଉତ୍ସବ ହେଇଯାଇଛେ । କେନ୍ଦ୍ରନୁ ଗଲାକାଏଲ୍ ୬ ନମ୍ବର ବେଚ୍‌ର ୧ ହଜାର ୮୮ ଝନ୍ ଛାତ୍ରଛାତ୍ରୀ ପାଠ୍‌ପଢ଼ା ଶେଷ୍ କରି କରି ସଫଲ୍‌ତାର୍ ସହେତେ ଉତିର୍ଣ୍ଣ ହେଇଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଆଉ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚରଣ ସ୍ୱାଇଁ ଯୋଗ୍ ଦେଇକରି ଇ ଛାତ୍ରଛାତ୍ରୀ ଉତିର୍ଣ୍ଣ ହେବାର୍‌ଟା ନିଶ୍ଚିତ୍ ଭାବେ ଆମର୍ ଦକ୍ଷତା ବିକାଶ କାର୍ଯ୍ୟକ୍ରମ୍‌କେ ଆଗ୍‌କେ ନେବା ବଲି କହିଛନ୍ । ଇ ବେଚ୍‌ର ୯୩ ପ୍ରତିଶତ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଭିନ୍ ଭିନ୍ ନାମିଦାମି କମ୍ପାନୀ ନ ନିଯୁକ୍ତି ପାଇ ସାରିଛନ୍ ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।

ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଆର୍‌ଏନ୍‌ୟୁ ସମ୍ବଲପୁର

ଭୁବନେଶ୍ୱର କଟକ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଥି ଏବ୍‌ତକ୍ ୨ ଶହ ୭୭ କୋଟି ଟଙ୍କା ଖର୍ଚ୍ଚା କରାଯାଇଛେ । ତାର୍ ଭିତ୍‌ରୁ ଜୁନ୍ ୧୨ ତାରିଖ୍ ଉତ୍‌ରୁ ରାଜ୍ୟ ସରକାର ୨ ଶହ ୫୨ କୋଟି ଟଙ୍କା ଦେଇଛନ୍ ବଲି ଗୃହ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନ ସଭା ନ ତଥ୍ୟ ରଖିଛନ୍ । ସେ କହିଛନ୍, ଭୁବନେଶ୍ୱର ନୁ କଟକ ରେଲ୍ ପ୍ରକଳ୍ପ ରଦ୍ଦ ନାହିଁ ହୁଏ । ଇ ପ୍ରକଳ୍ପ ସରକାରଙ୍କର୍ ପରୀକ୍ଷାଧିନ୍ ରହିଛେ । ଇଥିର୍ ଲାଗି ମନ୍ତ୍ରୀ ସ୍ତରୀୟ କମିଟି ଗଠନ୍ କରାଯାଇଛେ । କମିଟିର୍ ସୁପାରିସ ପାଏବାର୍ ଉତ୍‌ରୁ ସରକାର ଆଏବା ଦିନେ ଶେଷ୍ ନିଷ୍ପତି ନେବେ ବଲି ମନ୍ତ୍ରୀ ଡାକ୍ତର ମହାପାତ୍ର କହିଛନ୍ ।

ବ୍ୟବସାୟିକ୍ ପ୍ରତିଷ୍ଠାନ ସଓଡ଼ିଆ ଫଲକ୍ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଚଲ୍‌ତି ଆର୍ଥିକ୍ ବଛରେ ଏବ୍‌ତକ୍ ମୋଟ୍ ୨ ହଜାର ୮ ଶହ ୫୨ଟା ବ୍ୟବସାୟିକ୍ ପ୍ରତିଷ୍ଠାନ୍‌ଥି ଓଡ଼ିଆ ଭାଷା ନ ଲେଖାଥିବା ନାମ ଫଲକ୍ ପ୍ରଦର୍ଶନ୍ ଲାଗି ଯାଂଚ୍ କରାଯାଇଛେ । ଇତାର୍ ଭିତ୍‌ରୁ ୧ ହଜାର

୬ ଶହ ୬ଟା ପ୍ରତିଷ୍ଠାଁନ୍ ନ ଓଡ଼ିଆ ଭାଷାଥି ନାମଫଲକ୍ ଲାଗି ନାଇଁଥିବାର୍‌ନୁ ମାଲିକ୍‌ମାନ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ ବଲି ବିଭାଗୀୟ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ କହିଛନ୍ । ବିଧାନ ସଭା ନ ଗୁଟେ ପ୍ରଶ୍ନର୍ ଉତର ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଇ ବାବ୍‌ଦେ ଆଇନ୍‌ର ଉଲ୍ଲଂଘନ୍ କରିଥିବାର୍‌ନୁ ଶହେଟା ବ୍ୟବସାୟିକ୍ ପ୍ରତିଷ୍ଠାନ୍‌ର ମାଲିକ୍‌ଙ୍କର୍ ବିରୋଧିଥି ମକଦ୍ଦମା ରୁଜୁ କରାଯାଇଛେ । ଖୋର୍ଦ୍ଧା ଜିଲ୍ଲା ନ ସବୁନୁ ଜହ ୩୮ଟା ମକଦ୍ଦମା ରୁଜୁ କରାଯାଇଛେ । ସେନ୍ତା ଝାରସୁଗୁଡ଼ା ନ ୨ ଶହ ୩୭ଟା ଆଉ ଖୋର୍ଦ୍ଧା ନ ୨ଶହ ୧ ବ୍ୟସାୟିକ ପ୍ରତିଷ୍ଠାନ୍‌କେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ଛାତ୍ରାବାସ୍ ନ ଏଏନ୍ଏମ                    ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟର୍ ସବୁ ସରକାରୀ ବିଦ୍ୟାଳୟର୍ ଛାତ୍ରାବାସ୍ ନ ଏଏନ୍ଏମ୍ ମହିଳା ବହୁମୁଖୀ ହେଲ୍‌ଥ ୱାର୍କର୍ ନିୟୋଜିତ୍ ହେବେ । ହଷ୍ଟେଲ୍ ପିଲାମାନ୍‌ଙ୍କର୍ ନିୟମିତ୍ ଭାବେ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯିବା ।  ଫି ୩ ଶହ ପିଲାଙ୍କର୍ ଲାଗି ଝନେ ଲେଖା ଏଏନ୍ଏମ୍ ନିଯୁକ୍ତି କରାଯିବା ବଲି ଗଣଶିକ୍ଷା ବିଭାଗ୍

ତର୍ଫୁ ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ବିଭାଗ୍‌କେ ଚିଠି ଲେଖାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ପଶ୍ଚିମ ଓଡ଼ିଶାର୍ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବଲାଙ୍ଗୀର ସହେତେ ଭିନ୍ ଭିନ୍ ଜାଗାନ ଗଲାରାତିନୁ ଜବର୍ ବର୍ଷା ଲାଗି ରହିଛେ ।